ପ୍ରେସ ନୋଟ

# ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ।

ଅନୁଗୋଳ ତା. ୧୫ .୦୩ :- ଆଜି ଅପରାହ୍ନରେ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା(BNTYY)୨୦୨୨-୨୩ ଅନ୍ତର୍ଗତ ୩ଟି ବସ ମାଧ୍ୟମରେ ଅନୁଗୋଳ ଜିଲ୍ଲାର ମୋଟ ୧୨୫ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ସମ୍ବଲପୁର ଅଭିମୁଖେ ଯାତ୍ରା କରିଛି । ଏଥିରେ ପର୍ଯ୍ୟଟନ ଅଧିକାରୀ ଶ୍ରୀ ଜଗଦିଶ ରାୟ, ରାଜସ୍ୱ ବିଭାଗର ସହକାରୀ ସହାୟକ ଶ୍ରୀ ସମୟ ରଞ୍ଜନ ନାହକ, ପୌରପାଳିକାର ସହକାରୀ ସହାୟକ ଶ୍ରୀ ବିଭୁତି ମହାରଣା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିକ୍ଷେପକ ଶ୍ରୀ ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ଏକ୍ସକର୍ଟ ଅଫିସର ଭାବେ ଗସ୍ତ କରିଛନ୍ତି । ଏହି ତୀର୍ଥଯାତ୍ରୀମାନେ ଆସନ୍ତା କାଲି ସମ୍ବଲପୁର ଠାରୁ ସିରିଡି ଓ ନାସିକ ଅଭିମୁଖେ ଯାତ୍ରା ଆରମ୍ଭ କରିବେ । ଏହି ଯାତ୍ରାକୁ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପତାକା ଦେଖାଇ ଏବଂ ଯାତ୍ରୀମାନଙ୍କୁ ଗୋଲାପ ଫୁଲ ଦେଇ ଯାତ୍ରାର ଶୁଭକାମନା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଳିତ ମୋହନ ବେହେରା, ଅନୁଗୋଳ ଉପଜିଲ୍ଲାପାଳ ବଇତୁରା ଦିପ୍, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୨୩୪ ତା.୧୫.୦୩.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

କୈଳାଶ ବେହେରା 15/3/2023

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


ସୌଜନ୍ୟ : ଅନୁଗୋଳ ଜିଲ୍ଲା


ସୌଜନ୍ୟ : ଅନୁଗୋଳ ଜିଲ୍ଲା


ସୌଜନ୍ୟ : ଅନୁଗୋଳ ଜିଲ୍ଲା